# ସାଲିମାର ପେଣ୍ଟ ପକ୍ଷରୁ 'ହିରୋ'ର ଶୁଭାରମ୍ଭ

କୋଲକାତା,୧୭: ସାଲିମାର ପେଣ୍ଟସ ଲିମିଟେଡ ପକ୍ଷରୁ ଏହାର ଫ୍ଲାଗସିପ ଉତ୍ପାଦ 'ହିରୋ'ର ଶୁଭାରମ୍ଭ କରାଯାଇଛି। ଏହା କମ୍ପାନୀର ଅଭିନବ କ୍ୟାମ୍ପେନ, 'ଅପଗ୍ରେଡ୍ କିୟା କ୍ୟା'ର ଏକ ଅଂଶ ରହିଛି, ଯାହା ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟମାନର ଟେକ୍ନୋଲୋଜିର ବ୍ୟବହାରକରି ପ୍ରସ୍ତୁତ କରାଯାଇଥିବା ପେଣ୍ଟଗୁଡିକ ସହ ନିଜର ଘରଗୁଡିକୁ ଉନ୍ନତ କରିବା ପାଇଁ ଅନୁପ୍ରାଣିତ କରୁଛି। ସାଲିମାର ପେଣ୍ଟ୍ସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରରେ ସୁଦୃଢ଼ତା ବିଶିଷ୍ଟ ୱାଟରପ୍ରୁଫିଙ୍ଗ ସଲ୍ୟୁସନଗୁଡିକର ଏକ ଆଧୁନିକ କଲେକ୍ସନ। ଏହା ୱାଟର ସିପେଜ ଓ ଡାମ୍ପାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥାଏ, ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡିକୁ ମଧ୍ୟ ବନ୍ଦ ବା ସିଲ୍ କରିଥାଏ। ସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତା ହିରୋ ଡ୍ୟାମ ଆଲ୍ଟ୍ରା ଓ ହିରୋ ଡ୍ୟାମ ସ୍ମାର୍ଟ ଭଳି ଉତ୍ପାଦଗୁଡିକରେ ପ୍ରଦର୍ଶିତ ହେଉଛି ଯାହା ଡୁଆଲ ସିପେଜ ରେଜିଷ୍ଟାନ୍ସ ଦେଇଥାଏ ଯାହାକି ଅତ୍ୟଧିକ ଆର୍ଦ୍ରତା କିମ୍ବା ବୃଷ୍ଟିପାତର ସମ୍ମୁଖୀନ ହେଉଥିବା ଘରଗୁଡିକ ପାଇଁ ଉପଯୁକ୍ତ ଅଟେ। ଏହାବ୍ୟତୀତ କମ୍ପାନୀର ମେଲାମାଇନ, ଏନ୍ସି ଲାକ୍ୱେର, ସିଲର ଓ ୧କେ ପିୟୁ ଫିନିଶ୍ ସମେତ ବିସ୍ତୃତ ଶୃଙ୍ଖଳାର ଉଡ୍ କୋଟିଂସ୍ କାଠ ସାମଗ୍ରୀଗୁଡିକୁ ସଂରକ୍ଷିତ ରଖିବା ଓ ଉନ୍ନତ କରିବା ପାଇଁ ଗ୍ରାହକଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଲାଗି ଯତ୍ନର ସହ ନିର୍ମାଣ କରାଯାଇଛି, ଏହା ଉନ୍ନତ ସୁରକ୍ଷା ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଆବେଦନକୁ ଏକତ୍ରିତ କରୁଛି।